# ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ।

ଆଜି ଅପରାହ୍ଣରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟରୁମ୍ ଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ କର୍ଣ୍ଣୀ ମୁର୍ମୁ ପୋଷଣ ପକ୍ଷରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହିତ ଶ୍ରୀ ଅନ୍ନ,କ୍ଷୁଦ୍ର ଶସ୍ୟ ମିଶନ, ସୁସ୍ଥ ବାଳକ ସ୍ପର୍ଦ୍ଧା ଓ ସକ୍ଷମ ଅଙ୍ଗନୱାଡି କେନ୍ଦ୍ର ବିଷୟରେ ଆଲୋକପାତ କରିଥିଲେ । ମିଲେଟ ମିଶନକୁ ଆଗେଇ ନେବାକୁ ହେଲେ କ୍ଷୁଦ୍ର ଶସ୍ୟ କୃଷି ସହ ଜଡିତ କୃଷକମାନଙ୍କୁ ଏହାର ଉପକାରିତା ଓ ପ୍ରୋତ୍ସାହନ ଯୋଗାଇ ଉତ୍ପାଦିତ ଦ୍ରବ୍ୟର ବିପଣନ ବ୍ୟବସ୍ଥାକୁ ସରଳିକରଣ କରାଯାଇପାରିଲେ ସାଧାରଣରେ ଚାହିଦା ବୃଦ୍ଧି ପାଇବା ସହ କୃଷକର ଆର୍ଥିକ ଉନ୍ନତି ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜଣେ ସୁସ୍ଥ ମା ହିଁ ଗୋଟିଏ ସୁସ୍ଥ ଶିଶୁକୁ ଜନ୍ମ ଦେଇପାରେ ଏଣୁ ମାର ସୁସ୍ଥତା ତାର ଖାଦ୍ୟପେୟ ଉପରେ ବିଶେଷ ଭାବରେ ନିର୍ଭରଶୀଳ । ମାଣ୍ଡିଆ ଗର୍ଭବତୀ ମା ମାନଙ୍କ ପାଇଁ ଏକ ପୌଷ୍ଟିକ ଖାଦ୍ୟ ଯାହା ମା ଓ ଶିଶୁ ଉଭୟଙ୍କୁ ସୁସ୍ଥ ରଖିଥାଏ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଥିଲେ । ମିଲେଟ ମିଶନର ଜିଲ୍ଲା ସଂଯୋଜକ ଶ୍ରୀ ଅମୂଲ୍ୟ କୁମାର ଚୌଧୁରୀ ମାଣ୍ଡିଆ ଓ ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟର ପୌଷ୍ଟିକ ମୁଲ୍ୟ ଉପରେ ଗୁରୁତ୍ୱ ଦେବା ସହ ବ୍ଲକ୍ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଏହି ଖାଦ୍ୟ ଶସ୍ୟର ବ୍ୟବସାୟକରଣ ନିମନ୍ତେ ଅନୁଷ୍ଠାନମାନ ଖୋଲାଯାଉଛି ଯାହାଫଳରେ ଜନସାଧାରଣଙ୍କ ନିକଟରେ ଏହା ସହଜରେ ଉପଲବ୍ଧ ହେବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମାଣ୍ଡିଆ,ସୁଆଁ ଓ ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟର ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ ସର୍ବଶ୍ରେଷ୍ଠ ସି ଡି ପି ଓ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କିଶୋରନଗରର ୱାହିଦା ବେଗମ, ତାଳଚେର ଘଣ୍ଟପଡାର ମଣ୍ଡଳ ପରିଦର୍ଶିକା କାଞ୍ଚନ ନାୟକ, ଅନୁଗୋଳ ନୂଆସାହି(ଖ)ର ଖଲାରୀ ଅଙ୍ଗନୱାଡି କେନ୍ଦ୍ର, ବଅଁରପାଳର ନୂଆହତା(ଘ) ଅଙ୍ଗନୱାଡି କର୍ମୀ ରଶ୍ମିତା ସାମଲ,ଅନୁଗୋଳ ବେଡା ଶାସନ ଅଙ୍ଗନୱାଡି ସହାୟିକା ପ୍ରେମଲତା ଦ୍ୱିବେଦୀ, ସୁସ୍ଥ ଶିଶୁ ଭାବେ କଣିହାଁ ଅଙ୍ଗନୱାଡି କେନ୍ଦ୍ର ପଥରମୁଣ୍ଡାର ଶ୍ରୀ ମୌନିଷ କୁମାର ବେହେରା ପ୍ରଥମ, ଅନୁଗୋଳ ଦଳବେହେରା ସାହି ଅଙ୍ଗନୱାଡି କେନ୍ଦ୍ରର ଆଶି ନାୟକ ଦ୍ୱିତୀୟ,ବଅଁରପାଳ ବେତାସର ଅଙ୍ଗନୱାଡି କେନ୍ଦ୍ରର ଦିବ୍ୟ ରଂଜନ ସାହୁଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଶ୍ରୀ ବସନ୍ତ କୁମାର ମଲ୍ଲିକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୁବାସ କୁମାର ସାହୁ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ଜିଲ୍ଲାର ସମସ୍ତ ସି ଡି ପି ଓ, ସୁପରଭାଇଜର,ଅଙ୍ଗନୱାଡି କର୍ମୀ, ଅନ୍ୟାନ୍ୟ ହିତାଧିକାରୀଙ୍କ ସହିତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ

ଜ୍ଞାପକ ସଂଖ୍ୟା - ୨୮୭ ତା. ୦୪.୦୪.୨୦୨୩ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

4/4/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.04.04 18:40


OPPO Reno7 5G
2023.04.04 13:45


COURT OF THE COLLECTOR & DISTRICT MAGISTRATE
ANGUL
ଜିଲ୍ଲା ସ୍ତରୀୟ
ପୋଷଣ ପକ୍ଷ ପାଳନ
OPPO Reno7 5G




ପୋଷଣ ପକ୍ଷ ପାଳନ
ଜିଲ୍ଲା ପ୍ରଶାସନ, ଅନୁଗୋଳ
ସମାଜ ମଙ୍ଗଳ ବିଭାଗ)
OPPO Reno7 5G
2023.04.04 13:10


OPPO Reno7 5G
2023.04.04 12:55